# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 24 September - 2024

### News Editor : Tapan Kumar Moharana

*********************************

## ମୁଖ୍ୟ ସମ୍ବାଦ

- ଆଗାମୀ ମନ୍ କୀ ବାତ୍ କାର୍ଯ୍ୟକ୍ରମ ପାଇଁ ମତାମତ ଦେବାକୁ ଅନୁରୋଧ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- କୋଣାର୍କ ସୂର୍ଯ୍ୟମନ୍ଦିରର ବାହ୍ୟ ଅଂଚଳରେ ଜାରି ରହିଛି ସର୍ବେକ୍ଷଣ
- ସପ୍ତାହକ ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାକୁ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ନିର୍ଦ୍ଦେଶ

ଏବଂ

- ପ୍ରବଳ ବର୍ଷା ଏବଂ ବଜ୍ରପାତ ନେଇ ଆସନ୍ତା ୨୪ ଘଣ୍ଟା ଲାଗି ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କଲା ପାଣିପାଗ କେନ୍ଦ୍ର

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଂଚଳିକ ଭାଷାନ୍ତରଣର ପୁନଃପ୍ରସାରଣ କରାଯିବ ।

# ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ ।

ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ କରିପାରିବେ । ସେମାନେ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଂଚଳିକ ଭାଷାନ୍ତରଣର ପୁନଃପ୍ରସାରଣ କରାଯିବ ।

## ସୂର୍ଯ୍ୟମନ୍ଦିର-ଜିପିଆର ସ୍କାନିଂ

କୋଣାର୍କ ସୂର୍ଯ୍ୟମନ୍ଦିରର ବାହ୍ୟ ଅଞ୍ଚଳରେ ଜିପିଆର ସ୍କାନିଂ ସର୍ଭେ ଆଜି ମଧ୍ୟ ଜାରି ରହିଛି । ମନ୍ଦିରର ଗର୍ଭଗୃହ ଏବଂ ବାହାର ପାଖର କିଛି ଅଞ୍ଚଳକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ବୈଷୟିକ ଦଳ ଗତକାଲି ୪ ଘଣ୍ଟା ଧରି ସର୍ବେକ୍ଷଣ କରିଥିଲେ । ମନ୍ଦିର ପ୍ରାଙ୍ଗଣ ତଳେ କିଛି ନିର୍ମିତ ଅଂଶବିଶେଷ ରହିଥିବା ପ୍ରାଥମିକ ଆକଳନରୁ ଜଣାପଡିଛି ବୋଲି ଏଏସ୍ଆଇ ସୂଚନା

ଦେଇଛି। ତେବେ ସବିଶେଷ ରିପୋର୍ଟ ହସ୍ତଗତ ହେବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ। ଏଏସ୍ଆଇ ପୁରୀ ସର୍କଲର ଅଧିକ୍ଷକ ଡି.ବି. ଗଡନାୟକ ଏବଂ ଡେପୁଟୀ ଇଞ୍ଜିନିୟର ଡକ୍ଟର ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ହାଇଦ୍ରାବାଦର ଏନ୍.ଜି.ଆର.ଆଇ ସଂସ୍ଥାର ୩ ଜଣିଆ ବୈଜ୍ଞାନିକ ଦଳ ଏହି ସର୍ଭେ କାର୍ଯ୍ୟରେ ସାମିଲ ଅଛନ୍ତି। ଏ ସମ୍ପର୍କରେ ଅଧିକ ତଥ୍ୟ ଦେଇ ଶ୍ରୀ ଗଡନାୟକ କହିଛନ୍ତି.....

**- V/O - (ଡି.ବି. ଗଡନାୟକ)**

## ଇପିଏଫ୍ଓ ରେକର୍ଡ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି-ଇପିଏଫ୍ଓରେ ଗତ ଜୁଲାଇ ମାସରେ ୧୯ ଲକ୍ଷ ୯୪ ହଜାର ସଦସ୍ୟ ପଞ୍ଜୀକୃତ ହୋଇଛନ୍ତି। ଜୁନ୍ ମାସ ତୁଳନାରେ ଏହା ୨ ଦଶମିକ ୬/୬ ପ୍ରତିଶତ ଅଧିକ ବୋଲି କେନ୍ଦ୍ର ଶ୍ରମ ଓ ରୋଜଗାର ଏବଂ ଯୁବ ବ୍ୟାପାର ଓ କ୍ରୀଡାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ପ୍ରାୟ ୧୪ ଲକ୍ଷ ୬୫ ହଜାର ସଦସ୍ୟ ଏହି ମାସରେ ପୁନଃ ପଞ୍ଜୀକୃତ ହୋଇଥିବା ଜଣାପଡିଛି। ଗତବର୍ଷ ଜୁଲାଇ ମାସ ତୁଳନାରେ ଚଳିତବର୍ଷ ୨ ଦଶମିକ ୪/୩ ପ୍ରତିଶତ ସଦସ୍ୟ ସଂଖ୍ୟା ବୃଦ୍ଧି ପାଇଛି। ପ୍ରତ୍ୟେକ ବର୍ଷ ୧୫ ଦଶମିକ ୨/୫ ପ୍ରତିଶତ ସଦସ୍ୟ ସଂଖ୍ୟା ବୃଦ୍ଧି ପାଉଥିବା ଏକ ଆକଳନରୁ ଜଣାପଡିଛି।

## ଚିନିଶିଳ୍ପ ସମୀକ୍ଷା ବୈଠକ

**ନୟାଗଡ଼** ଜିଲ୍ଲାରେ ଚିନି ଶିଳ୍ପର ପୁନରୁଦ୍ଧାର ଲକ୍ଷ୍ୟରେ ଏକ ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ  ଯୋଗଦେଇ ସାଂସଦ ଡକ୍ଟର ସମ୍ବିତ ପାତ୍ରଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ପଦାଧିକାରୀ ଚିନିଶିଳ୍ପର ପୁନରୁଦ୍ଧାର ଉପରେ ବିସ୍ତୃତ ଆଲୋଚନା କରିଛନ୍ତି । ଜିଲ୍ଲାରେ ନୂଆ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟସରକାରଙ୍କ ସହ ଆଲୋଚନା କରିବାକୁ ସାଂସଦ ଡକ୍ଟର ପାତ୍ର ମତ ଦେଇଛନ୍ତି । ଜିଲ୍ଲାରେ ଆଖୁଚାଷକୁ ପ୍ରୋତ୍ସାହନ ପ୍ରଦାନ ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି ।

# ବିସିଜି ଟିକାକରଣ

**ରାୟଗଡ଼ା** ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଆଜି ଜିଲ୍ଲାସ୍ତରୀୟ ବିସିଜି ଟିକାକରଣର ଶୁଭାରମ୍ଭ ହୋଇଛି ।  ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟଙ୍କ ପୌରୋହିତ୍ୟରେ ଏହି ଟିକାକରଣ କାର୍ଯ୍ୟ ଆରମ୍ଭ ହୋଇଛି । ସ୍ଥାନୀୟ ବରିଷ୍ଠ ନାଗରିକଙ୍କୁ ଟିକା ପ୍ରଦାନ କରାଯାଇଛି । ଆଶା, ସ୍ୱାସ୍ଥ୍ୟକର୍ମୀ ଏବଂ ବୟସ୍କ ବ୍ୟକ୍ତିଙ୍କୁ ନେଇ ଟିକାକରଣ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ରୋଗର ତ୍ୱରିତ ଚିହ୍ନଟ, ସମ୍ପୂର୍ଣ୍ଣ ଚିକିତ୍ସା ଏବଂ ପ୍ରତିରୋଧକ ବ୍ୟବସ୍ଥା ଜାରି ରଖିବା ଲକ୍ଷ୍ୟରେ ସମସ୍ତ ଯୋଗ୍ୟ ବୟସ୍କ ବ୍ୟକ୍ତଙ୍କୁ ଦ୍ୱିତୀୟ ବିସିଜି ଟିକା ଦେବା ପାଇଁ ସ୍ଥିର ହୋଇଛି । ରାୟଗଡ଼ା ଜିଲ୍ଲାରେ ୧ ଲକ୍ଷ ୨୮ ହଜାର

ହିତାଧିକାରୀଙ୍କୁ ଟିକାକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଡାକ୍ତର ରାଉତରାୟ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ୧୫ଟି ଜିଲ୍ଲାରେ ବିସିଜି ଟିକାକରଣ କାର୍ଯ୍ୟ ଜାରି ରହିଛି।

## ଆଭ୍ୟନ୍ତରୀଣ ଅଭିଯୋଗ କମିଟ

ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସପ୍ତାହକ ମଧ୍ୟରେ ଗଠନ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତ ରିପୋର୍ଟ ଆସନ୍ତା ୩୦ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। କର୍ମସ୍ଥଳିରେ ମହିଳା କର୍ମଚାରୀଙ୍କ ସୁରକ୍ଷା ଏବଂ ନିର୍ଯ୍ୟାତନା ସଂକ୍ରାନ୍ତ ଅଭିଯୋଗର ଶୁଣାଣି ପାଇଁ ଏହି କମିଟି ଗଠନ ବାଧ୍ୟତାମୂଳକ। ତେବେ ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ଅନେକ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନର ଏହି କମିଟି ଗଠିତ ହୋଇନାହିଁ। ଆଇନ୍ ଅନୁଯାୟୀ ଧାର୍ଯ୍ୟ ସମୟସୀମା ମଧ୍ୟରେ କମିଟି ଗଠନ ସହ ଏ ସଂକ୍ରାନ୍ତ ରିପୋର୍ଟ ଦାଖଲ କରିବାକୁ ଉଚ୍ଚଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ନୌସେନା ଦିବସ

ଆସନ୍ତା ଡିସେମ୍ବର ୪ ତାରିଖରେ ପାଳନ କରାଯିବାକୁ ଥିବା ନୌସେନା ଦିବସ ଚଳିତବର୍ଷ ପୁରୀରେ ଅନୁଷ୍ଠିତ ହେବ। ଏଥିପାଇଁ ଭାରତୀୟ ନୌସେନା ପକ୍ଷରୁ ସମୁଦ୍ର ଉପକୂଳ ଅଂଚଳରେ ଅନୁଧ୍ୟାନ କରାଯାଇଛି। ନୌସେନାର ବରିଷ୍ଠ ଅଧିକାରୀ ପୁରୀ ଜିଲ୍ଲାପାଳଙ୍କ ସହ ଆଜି ସର୍କିଟ୍

ହାଉସ୍‌ଠାରେ ଆଲୋଚନା କରିଛନ୍ତି। ନୌସେନା ଦିବସକୁ ଶୃଙ୍ଖଳିତ ଭାବେ ପାଳନ କରିବା ପାଇଁ ଆନୁଷଙ୍ଗିକ ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା ହୋଇଥିବା ଜଣାପଡିଛି।

## ଷୋଡଶ ଦିନାତ୍ମକ ପୂଜା

ଶ୍ରୀକ୍ଷେତ୍ର **ପୁରୀ**ର ଅଧିଷ୍ଠାତ୍ରୀ ଦେବୀ ମା' ବିମଳାଙ୍କ ସମେତ ଅନ୍ୟାନ୍ୟ ଦେବୀପୀଠଗୁଡ଼ିକରେ ଷୋଡଶ ଦିନାତ୍ମକ ପୂଜା ଆଜିଠାରୁ ଆରମ୍ଭ ହୋଇଛି। ପରାମ୍ପରା ଅନୁଯାୟୀ, ଗଜପତି ମହାରାଜା ଶ୍ରୀଦିବ୍ୟସିଂହଦେବ ଶ୍ରୀନଅରରେ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରିଛନ୍ତି। ଷୋଳ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ପାଇଁ ରାଜଗୁରୁ, ଦେଉଳ ପୁରୋହିତ, ଗଜପତି ମହାରାଜାଙ୍କ ଶ୍ରୀହସ୍ତଛୁଆଁ ଗୁଆ ଏବଂ ନଡିଆ ଆଚାର୍ଯ୍ୟମାନଙ୍କୁ ପ୍ରଦାନ କରିଛନ୍ତି। ୨୧ ଜଣ ଆଚାର୍ଯ୍ୟଙ୍କୁ ବରଣ କରାଯାଇଛି। ରୀତିନୀତି ଅନୁଯାୟୀ, ପୁରୀରେ ଥିବା ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ଏହି ଆଚାର୍ଯ୍ୟମାନେ ଚଣ୍ଡିପାଠ, ଦୁର୍ଗା ଆରାଧନା ଆଦି କରିବେ।

## ଏକକ ପରିଚୟ ପତ୍ର

ରାଜ୍ୟର ସମସ୍ତ ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଏକକ ପରିଚୟ ପତ୍ର ମିଳିବ । ଆଧାର କାର୍ଡ଼ ପରି ଏକ ସ୍ୱତନ୍ତ୍ର ଆଇ.ଡି. କାର୍ଡ଼ ପ୍ରସ୍ତୁତ କରାଯିବ । ଶିକ୍ଷାଗତ ଯୋଗ୍ୟତାଠାରୁ ଆରମ୍ଭ କରି ସଫଳତାର ସମସ୍ତ ତଥ୍ୟ ଏହି କାର୍ଡ଼ରେ ରହିବ । ଛାତ୍ରଛାତ୍ରୀଙ୍କ ପାଇଁ ଅଟୋମେଟେଡ୍ ପର୍‌ମାନେଟ୍ ଏକାଡେମିକ୍ ଆକାଉଣ୍ଟ୍ ରେଜିଷ୍ଟ୍ରି – 'ଆପାର' ବ୍ୟବସ୍ଥା କରାଯିବ । ଏନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକରଣ ପ୍ରାଧିକରଣ – ଓସେପା ପକ୍ଷରୁ ଜିଲ୍ଲା

ଶିକ୍ଷା ଅଧିକାରୀ ଏବଂ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କ ପତ୍ର ଲେଖାଯାଇଛି । ସୂଚନା ଅନୁସାରେ ଗତବର୍ଷ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନୂତନ ଜାତୀୟ ଶିକ୍ଷାନୀତି ଅନୁସାରେ 'ଆପାର' ଆଇ.ଡି. ପ୍ରସ୍ତୁତ କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାକୁ କାର୍ଯ୍ୟକାରୀ କରିବାପାଇଁ ଆସନ୍ତା ୩୦ ତାରିଖରୁ ଅଭିଭାବକମାନଙ୍କ ସହ ଏକ ସ୍ୱତନ୍ତ୍ର ବୈଠକ କରାଯିବ ବୋଲି ଜଣାପଡ଼ିଛି ।

## ପୁଅ ଜିଉନ୍ତିଆଁ ଓଷା

ପଶ୍ଚିମ ଓଡିଶାର ଅନନ୍ୟ ଲୋକପର୍ବ 'ପୁଅ ଜିଉନ୍ତିଆଁ ଓଷା' ବା ଦ୍ୱିତୀବାହନ ପୂଜା ସମଗ୍ର **ସୁବର୍ଣ୍ଣପୁର** ଜିଲ୍ଲାରେ ଆଜି ପାଳିତ ହେଉଛି। ସନ୍ତାନ ସନ୍ତତିଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନାକରି ମା'ମାନେ ନିର୍ଜଳା ଉପବାସ ସହ ଏହି ଓଷା କରିଥାନ୍ତି। ପୂଜା ସାମଗ୍ରୀ ସହ ଗାଁଦାଣ୍ଡର ପୂଜାପୀଠରେ ଜୁଗାର-ଜାଗର ଜାଳି ଆଶ୍ୱିନ କୃଷ୍ଣପକ୍ଷ ମୂଳାଷ୍ଟମୀର ତ୍ରିସଂଧ୍ୟାରେ ବ୍ରତଧାରୀମାନେ ଏକତ୍ରିତ ହୋଇ ପୂଜା କରିଥାନ୍ତି। ପୁଅ ଜିଉନ୍ତିଆ ପାଳନ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ୱାର୍ଲ୍ଡ ସ୍କିଲ୍ ଲାୟନ୍ ପ୍ରତିଯୋଗିତା

ୱାର୍ଲ୍ଡ ସ୍କିଲ୍ ଲାୟନ୍-୨୦୨୪ ପ୍ରତିଯୋଗିତାର ପଦକ ବିଜୟୀ ଓଡ଼ିଶାର କୃତି ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବର୍ଦ୍ଧିତ କରିଛନ୍ତି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦୁଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଛନ୍ତି।

ଅମରେଶ କୁମାର ସାହୁ, ପୁନଃ ନବୀକରଣ ଶକ୍ତି ବର୍ଗରେ ବ୍ରୋଞ୍ଜ ପଦକ ଏବଂ ଗେଡେଲା ଅଖିଳ ଓ୍ୱାଟର ଟେକ୍ନୋଲୋଜୀ ବର୍ଗରେ ଉତ୍କର୍ଷ ପୁରସ୍କାର ପାଇଛନ୍ତି । ଏହି ଅବସରରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଉପସ୍ଥିତ ଥିଲେ।  ସୂଚନାଯୋଗ୍ୟ, ପ୍ୟାରିସ୍‌ରେ ଆୟୋଜିତ ଏହି ପ୍ରତିଯୋଗିତାରେ ୮୦ଟି ଦେଶର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଓଡ଼ିଶାରୁ ୧୫ ଜଣ ଏଥିରେ ଭାଗ ନେଇଥିଲେ ।

## ପାଣିପାଗ

କେନ୍ଦ୍ରୀୟ ବଙ୍ଗୋପସାଗରରେ ଶୁଷ୍କ ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ଅଂଚଳରେ ବର୍ଷା ସମ୍ଭାବନା ରହିଛି ବାଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ପ୍ରବଳ ବର୍ଷା ଏବଂ ବଜ୍ରପାତ ନେଇ ଆସନ୍ତା ୨୪ ଘଣ୍ଟା ଲାଗି ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା ହୋଇଛି। ଯାଜପୁର ଜିଲ୍ଲା ବିଞ୍ଝାରପୁରରେ ସର୍ବାଧିକ ୧୦୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଜୁନ୍ ପହିଲାରୁ ଗତକାଲି ପର୍ଯ୍ୟନ୍ତ ରାଜ୍ୟରେ ମୋଟ୍ ୧ ହଜାର ୩୪ ଦଶମିକ ୪ ମିଲିମିଟର ବର୍ଷା ହୋଇଛି। ଯାହାକି ସ୍ୱାଭାବିକ ବର୍ଷା ତୁଳନାରେ ୮ ପ୍ରତିଶତ କମ୍। ଏହି ସମୟସୀମା ମଧ୍ୟରେ ମାଲକାନଗିରି

ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବାବେଳେ ୨୦ଟି ଜିଲ୍ଲାରେ ସ୍ୱାଭାବିକ ଏବଂ ୯ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।

*********************************